## ଆତ୍ମସୁରକ୍ଷା ପାଇଁ ଏକାଠି ହେଲେ ବ୍ୟବସାୟୀ

କୁଜଙ୍ଗ(ଡି.ଏନ.ଏ.): ଅସାମାଜିକଙ୍କ ଆତଙ୍କରୁ ମୁକୁଳିବା ପାଇଁ କୁଜଙ୍ଗ ବଜାରର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ଏକାଠି ହୋଇଛନ୍ତି। ସେମାନେ ବିଜୁ ଗ୍ରାମୀଣ ବଜାର ବ୍ୟବସାୟୀ ସଂଘ ଗଠନ କରିଛନ୍ତି। ଏନେଇ କୁଜଙ୍ଗସ୍ଥ ତାଳଦଣ୍ଡା କେନାଲବନ୍ଧର ଉତ୍ତର ପାର୍ଶ୍ୱରେ ଥିବା ବିଜୁ ଗ୍ରାମୀଣ ବଜାରରେ ବ୍ୟବସାୟୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତିଭାବେ ଆଇନଜୀବୀ ହୃଷୀକେଶ ନନ୍ଦ, ଉପସଭାପତି ତୃପ୍ତିରଞ୍ଜନ ଦାସ, ସାଧାରଣ ସମ୍ପାଦକ ଓ କୋଷାଧକ୍ଷଭାବେ ସୁରେଶ କୁମାର ତ୍ରିପାଠୀ, ମନୋରଞ୍ଜନ ପରିଡ଼ାଙ୍କୁ ମନୋନୀତ କରାଯାଇଛି।



## ସଂକ୍ଷେପରେ

### ବାଲିସାହି ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା

ଜେନାପୁର,୪।୧୦(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଅଞ୍ଜିରା ପଞ୍ଚାୟତ ଅଧୀନ ବାଲିସାହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନାନା ଅବ୍ୟବସ୍ଥା ଲାଗି ରହିଛି। ଫଳରେ ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଯଦି ଆଗାମୀ ଦିନରେ ଏସବୁ ସମସ୍ୟାର ସମାଧାନ କରା ନ ଯାଏ ତେବେ ଅଞ୍ଚଳବାସୀ ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅଭିଯୋଗ କରିବା ସହ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ଲୋକଙ୍କ ଅଭିଯୋଗ ଅନୁସାରେ, ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଅଞ୍ଜିରା ଓ ଚକ୍ରଧରପୁର ପଞ୍ଚାୟତର ଜନସାଧାରଣ ନିର୍ଭର କରିଥାନ୍ତି। ସେହିପରି ଚଣ୍ଡିଖୋଲ-ଡୁବୁରୀ ଜାତୀୟ ରାଜପଥ ସମେତ ଅଞ୍ଚଳର ଅନେକ ଖଣିଖାଦାନରେ କାର୍ଯ୍ୟ କରୁଥିବା ଶ୍ରମିକ ଦୁର୍ଘଟଣାର ସମ୍ମୁଖୀନ ହୋଇ ଏଠାକୁ ଆସିଥାନ୍ତି। କିନ୍ତୁ ଦାୟିତ୍ୱରେ ଥିବା ମେଡିକାଲ ଅଫିସର ଓ ଅନ୍ୟ କର୍ମଚାରୀ ଠିକ ସମୟରେ ଆସୁ ନ ଥିବାରୁ ରୋଗୀ ଘଣ୍ଟାଘଣ୍ଟା ଧରି ଅପେକ୍ଷା କରି ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେହିପରି ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ କେତେଜଣ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ସପ୍ତାହ ତଳେ ଅଞ୍ଚଳବାସୀ ଉତ୍ତେଜନା ପ୍ରକାଶ କରିବା ସହ ଡାକ୍ତରଙ୍କ ନିକଟରେ ଅଭିଯୋଗ କରିଥିଲେ। ଏଥିରେ ବୁଦ୍ଧିଜୀବୀ ଅକ୍ଷୟ ପ୍ରଧାନ, ପବିତ୍ର ସାହୁ, କୃଷ୍ଣଚନ୍ଦ୍ର ସାହୁ, ବିଶ୍ୱଜିତ ପୃଷ୍ଟି, ବିଦ୍ୟାଧର ସେଠୀ, ସନ୍ତୋଷ ରାଉତ, ନାରାୟଣ ବେହେରା ଓ ଦାସରଥି ଜେନା ପ୍ରମୁଖ ସାମିଲ ହୋଇଥିଲେ। ଏ ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

### ବିଳମ୍ବରେ ଆସୁଛନ୍ତି ବିଇଓଙ୍କ ଅଫିସ କର୍ମଚାରୀ

ନାଉଗାଁ,୪।୧୦(ସ୍ୱ.ପ୍ର.): ନାଉଗାଁ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ)ଙ୍କ ଅଫିସ କର୍ମଚାରୀ ବିଭିନ୍ନ ସମୟରେ ବିଳମ୍ବରେ ଅଫିସ ଆସୁଛନ୍ତି। ଏହାକୁ ନେଇ ଜନ ଅସନ୍ତୋଷ ପ୍ରକାଶ ପାଇଛି। ଯାହାର ଏକ ଦୃଶ୍ୟ ଗତ ମଙ୍ଗଳବାର ଦେଖିବାକୁ ମିଳିଥିଲା। ଉକ୍ତଦିନ ପୂର୍ବାହ୍ନ ସାଢ଼େ ୧୦ଟା ପରେ ବି କେତେଜଣ କର୍ମଚାରୀ ପହଞ୍ଚି ନ ଥିଲେ। ଫଳରେ ଏବିଇଓ ଅକ୍ଷୟ ବେହେରା ଛୁଟିରେ ଥିବା କର୍ମଚାରୀଙ୍କ ଉପସ୍ଥାନରେ ସିଏଲ ପକାଇଥିବା ବେଳେ ଅନୁପସ୍ଥିତ କର୍ମଚାରୀଙ୍କ ଉପସ୍ଥାନରେ ଛକି ମାରିଥିଲେ। ମାତ୍ର ସାଢ଼େ ୧୦ଟା ପରେ କେତେଜଣ କର୍ମଚାରୀ ଆସି ଛକି ଚିହ୍ନ ଉପରେ ଦସ୍ତଖତ କରିଥିଲେ। ସୂଚନା ମୁତାବକ, ଉକ୍ତ କାର୍ଯ୍ୟାଳୟରେ ବିଇଓଙ୍କ ସମେତ ମୋଟ୍ ୧୭ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ବିଇଓ ୨ଟି ବ୍ଲକ ଦାୟିତ୍ୱରେ ଥିବାରୁ ମଙ୍ଗଳବାର ଅନୁପସ୍ଥିତ ରହିଥିଲେ। ଜଣେ ଏବିଇଓ ଛୁଟିରେ ରହିଥିବାରୁ ଅନ୍ୟ ଜଣେ ଏବିଇଓ ଅକ୍ଷୟ ବେହେରା ଦାୟିତ୍ୱରେ ଥିଲେ। ସାଢ଼େ ୧୦ଟା ମଧ୍ୟରେ ଏବିଇଓ ବେହେରାଙ୍କ ସମେତ ଜଣେ ଡିଇଓ, ଦୁଇ କର୍ମଚାରୀ ଓ ଜଣେ ପିଅନ ଆସିଥିଲେ। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ମାଗୁଣି ଚରଣ ମହାନ୍ତି କହିଛନ୍ତି, ଯେଉଁମାନେ ବିଳମ୍ବରେ ଆସି ଛକି ଉପରେ ଦସ୍ତଖତ କରିଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଆଶା, ଆଶଙ୍କାରେ ବିତୁଛି ଜୀବନ

**କେନ୍ଦ୍ରାପଡ଼ା ଅଫିସ, ୪।୧୦**

କେନ୍ଦ୍ରାପଡ଼ା ଜିଲା ରାଜନଗର ବନଖଣ୍ଡ ଅଧୀନ ଚାରିଘରିଆ ଗ୍ରାମବାସୀ ସ୍ଥାନାନ୍ତରକୁ ନେଇ ଚିନ୍ତାରେ ଅଛନ୍ତି। ବନ ବିଭାଗ ପକ୍ଷରୁ ବନାଞ୍ଚଳରୁ ହଟିଯିବା ପାଇଁ ସେମାନଙ୍କୁ ବାରମ୍ବାର ନୋଟିସ ହେଉଛି। ସେମାନଙ୍କ ଥଇଥାନ ବ୍ୟବସ୍ଥା ଜିଲା ପ୍ରଶାସନ ପକ୍ଷରୁ ହୋଇ ନ ଥିବାବେଳେ ଉଚ୍ଛେଦ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଅପରପକ୍ଷେ ସମୁଦ୍ର ତଟାଞ୍ଚଳ କ୍ଷୟ ପାଇଁ ରାଜନଗର ବ୍ଲକ ଅଧୀନ ସାତଭାୟାବାସୀଙ୍କୁ ବଗପାଟିଆକୁ ସ୍ଥାନାନ୍ତର ପାଇଁ ସରକାର ଯେଉଁ ସର୍ତ୍ତାବଳୀ ଲାଗୁ କରିଛନ୍ତି ସେହି ସର୍ତ୍ତରେ ଥଇଥାନ କରାଯାଉ ବୋଲି ଗ୍ରାମବାସୀ ଦାବି କରି ଆନ୍ଦୋଳନ କରିବାକୁ ସଜବାଜ ହେଉଛନ୍ତି।

ଚାରିଘରିଆବାସୀଙ୍କୁ ବଗପାଟିଆରେ ଥଇଥାନ କରିବା ପାଇଁ ଗତ ଦଶନ୍ଧି ଧରି ଆନ୍ଦୋଳନ ଜାରି ରହିଛି। ତେବେ ନିକଟରେ ପାଇଥିବା ସ୍ଥାନାନ୍ତର ନୋଟିସ ସେମାନଙ୍କ ନିଦ ହଜାଇଛି ବୋଲି ଗ୍ରାମର ସନ୍ତୋଷ କୁମାର ସରକାର କହିଛନ୍ତି। ସେ କହିଛନ୍ତି, ଭିତରକନିକା ବନାଞ୍ଚଳ ଜାତୀୟ ଉଦ୍ୟାନ ଘୋଷଣା ହେବାର ବହୁ ପୂର୍ବରୁ ସେମାନଙ୍କ ପୂର୍ବପୁରୁଷ ସେଠାରେ ରହି ଆସିଛନ୍ତି । ୧୯୭୧ ବାତ୍ୟା ପରେ ଚାରୋଟି ପରିବାର ଏଠାରେ ଘର କରିଥିଲେ । ଏଥିପାଇଁ ଗ୍ରାମକୁ ଚାରିଘରିଆସାହି କୁହାଯାଉଥିବା ବେଳେ ବର୍ତ୍ତମାନ ଘର ସଂଖ୍ୟା ୭୦ରୁ ଊର୍ଦ୍ଧ୍ୱ ହେଲାଣି । କେନ୍ଦ୍ର ସରକାର ୧୯୭୫ରେ ଭିତରକନିକାକୁ ବନ୍ୟପ୍ରାଣୀ ସଂରକ୍ଷିତ ଅଞ୍ଚଳ ଓ ୧୯୯୮ରେ ଜାତୀୟ ଉଦ୍ୟାନ ଭାବେ ଘୋଷଣା କରିଛନ୍ତି। ତେବେ ଏଠାରେ ତିନି ପୁରୁଷ ଧରି ରହିଆସିଥିବା ବେଳେ ଥଇଥାନ ବ୍ୟବସ୍ଥା ହୋଇ ନ ଥିବାରୁ ଚିନ୍ତାରେ ଅଛନ୍ତି । ଗ୍ରାମର ରେଶମୀ ଦାସ କହିଛନ୍ତି, ଏହି ଗ୍ରାମରେ ରହିବା ଆମ ପାଇଁ ବିପଦପୂର୍ଣ୍ଣ ହୋଇଛି। ଗ୍ରାମ ନିକଟରେ ବନ ବିଭାଗ ପକ୍ଷରୁ ନାଳ ଖୋଳାଯାଇଛି। ଏହି ନାଳରେ ପ୍ରତିଦିନ କୁମ୍ଭୀର ଆତଯାତ ହେଉଛନ୍ତି । ବିଭିନ୍ନ ସମୟରେ ପାଳିଥିବା ପଶୁପକ୍ଷୀ ଓ ଗ୍ରାମବାସୀ କୁମ୍ଭୀର ଓ ବନ୍ୟ ହିଂସ୍ରଜନ୍ତୁଙ୍କ ଆକ୍ରମଣର ଶିଠକାର ହେଉଛନ୍ତି। ଗ୍ରାମବାସୀ ଏଠାରୁ ଉଠିଯିବା ପାଇଁ ଚାହୁଁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଉ ନ ଥିବା କହି ସେ କ୍ଷୋଭ ପ୍ରକାଶ କରିଛନ୍ତି। ଗ୍ରାମର ସୁକୁମାର ଦାସ କହିଛନ୍ତି, ଗ୍ରାମବାସୀଙ୍କ ନିକଟରେ ଭୋଟର କାର୍ଡ, ବିପିଏଲ କାର୍ଡ ଆଦି ଅଛି । ମହାକାଳପଡ଼ା ବ୍ଲକର କେତେକ ଅଧିବାସୀଙ୍କୁ ପଟ୍ଟା ଯୋଗାଇ ଦିଆଯାଉଛି । ଆମ ଗ୍ରାମବାସୀଙ୍କୁ ଥଇଥାନ ଯୋଜନାରେ ସାମିଲ କରି ବଗପାଟିଆରେ ସ୍ଥାନ ଚିହ୍ନଟ ଓ ଅନୁଦାନ ଯୋଗାଇଦେଲେ ତୁରନ୍ତ ଗ୍ରାମରୁ ସ୍ଥାନାନ୍ତର ହୋଇଯିବୁ । ଏ ନେଇ ବାରମ୍ବାର ଆନ୍ଦୋଳନ ଓ ଅନଶନ ହୋଇଛି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର କହିଛନ୍ତି, ବଗପାଟିଆକୁ ଚାରିଘରିଆ ଗ୍ରାମବାସୀଙ୍କୁ ସ୍ଥାନାନ୍ତର ପାଇଁ ପ୍ରକ୍ରିୟା ଚାଲିଛି। ଏଠିକାର ପ୍ରକୃତ ଅଧିବାସୀଙ୍କ ଚିହ୍ନଟ ପରେ ଏହାକୁ ତ୍ୱରାନ୍ୱିତ କରାଯିବ। ଗୋଟିଏ ପରିବାରରେ ଏକାଧିକ ବ୍ୟକ୍ତି ଏହି ଜମି ହାତେଇବାକୁ ଚେଷ୍ଟା ଚଳାଇଥିବା ସେ ପ୍ରକାଶ କରିଛନ୍ତି ।

**ଚାରିଘରିଆବାସୀଙ୍କ ଥଇଥାନ ମାମଲା**

- ଥଇଥାନ ବ୍ୟବସ୍ଥା ନାହିଁ, ଉଚ୍ଛେଦ ପାଇଁ ପ୍ରସ୍ତୁତି
- ଆନ୍ଦୋଳନ ପାଇଁ ସଜବାଜ

## ମା' ସିଦ୍ଧିଦାତ୍ରୀଙ୍କ ଜୟଦୁର୍ଗା ବେଶ



**ନାଉଗାଁ,୪।୧୦(ସ୍ୱ.ପ୍ର.)**

ଜଗତ୍‌ସିଂହପୁର ବ୍ଲକ ସରାପ୍ରୋସ୍ଥିତ ମା' ସିଦ୍ଧିଦାତ୍ରୀ ସର୍ବମଙ୍ଗଳା ପୀଠରେ ଶାରଦୀୟ ପାର୍ବଣ ପୂଜା ଅନୁଷ୍ଠିତ ହେଉଛି। ରବିବାର ପଞ୍ଚବିଂଶତମ ଦିବସରେ ମା' ସିଦ୍ଧିଦାତ୍ରୀଙ୍କୁ ଜୟଦୁର୍ଗା ବେଶରେ ସଜ୍ଜିତ କରାଯାଇଥିଲା।

# ଭୂତକୋଠି ପାଲଟିଛି ବଡ଼ଖଣ୍ଡାଏତା ରେଳଷ୍ଟେଶନ



ବଡ଼ଖଣ୍ଡାଏତା ରେଳଷ୍ଟେଶନ ଜନଶୂନ୍ୟ ହୋଇଛି।

**ବାଲିଆ,୪।୧୦**

୧୯୭୪ରେ ଜଗତ୍‌ସିଂହପୁର ଜିଲାର ବରିଡ଼ି ତହସିଲ ଅଧୀନ ବଡ଼ଖଣ୍ଡାଏତା ରେଳଷ୍ଟେଶନ ନିର୍ମାଣ ହୋଇଥିଲା। ଏହା କଟକ-ପାରାଦୀପ ରେଳପଥର ସର୍ବପୁରାତନ ଷ୍ଟେଶନ ଥିଲା। ଏହି ଷ୍ଟେସନ ଦେଇ ଜଗତ୍‌ସିଂହପୁର ଏବଂ କଟକ ଜିଲା ଅଧୀନ ୩ଟି ବ୍ଲକର ପ୍ରାୟ ୧୦ଟି ପଞ୍ଚାୟତ ଜନସାଧାରଣ ଯାତାୟାତ କରିଥାନ୍ତି। ମାତ୍ର ଫେବୃୟାରୀ ୨୦୦୬ରେ ହଠାତ ଷ୍ଟେଶନକୁ ଉଠାଇ ଦିଆଯାଇ ପବ୍ଲିକ ହଲଟ୍ କରିଦିଆଗଲା। ସେଠାରୁ ବୈଷୟିକ ଯନ୍ତ୍ରପାତି ଓ କର୍ମଚାରୀଙ୍କୁ ଅପସାରଣ କରିନିଆଗଲା। ବର୍ତ୍ତମାନ ଏହି ପବ୍ଲିକ ହଲଟ ଭୂତକୋଠିରେ ପରିଣତ ହୋଇଛି। ବିଭାଗୀୟ କର୍ମଚାରୀ ରହୁ ନ ଥିବାରୁ ଦୁର୍ବୃତ୍ତ କବାଟ ଝରକା ଏବଂ ଅନ୍ୟ ଆସବାବପତ୍ର ଚୋରାଇ ନେଲେଣି। ଷ୍ଟେଶନରେ ଥିବା ଘରେ କେହି ରହୁ ନ ଥିବାରୁ ଘରଗୁଡ଼ିକୁ ଗଛଲତା ମାଡି ଜଙ୍ଗଲ ସୃଷ୍ଟି ହେଲାଣି। ବିଦ୍ୟୁତ୍ ନ ଥିବାରୁ ଏଠାରେ ଅସାମାଜିକମାନେ ଆଡ୍ଡା ଜମାଉଛନ୍ତି। ତେଣୁ ଏହାର ପୁନରୁଦ୍ଧାର ଦିଗରେ ଜଗତ୍‌ସିଂହପୁର ଜିଲାପାଳ, ରେଳମନ୍ତ୍ରୀ, ରାଜ୍ୟ ମୁଖ୍ୟ ଶାସନ ସଚିବ, ପୂର୍ବତଟ ଜି.ଏମ୍. ଖୋର୍ଦ୍ଧା ଡି.ଆର.ଏମ୍. ଦୃଷ୍ଟିଦେବାକୁ ଅଞ୍ଚଳର କୈଳାସ ଚନ୍ଦ୍ର ବେହେରା, ବିଜୟ ଦଳାଇ, ପ୍ରକାଶ ଚନ୍ଦ୍ର ଦାସ, ଅଜୟ ଖୁଣ୍ଟିଆ, ନୃସିଂହ ପ୍ରସାଦ ମହାନ୍ତି, ଅଶୋକ ମହାନ୍ତି, ନାରାୟଣ ବିଶୋଇ, ଶନାତନ ଦାସ ପ୍ରମୁଖ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ୨୦୧୧ ଜାନୁୟାରୀ ୧୨ରେ ଜଗତ୍‌ସିଂହପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୁନଃ ଷ୍ଟେଶନ ଦାବିରେ ଅଞ୍ଚଳବାସୀ ଧାରଣା ଦେଇଥିଲେ। ୨୦୧୧ ଏପ୍ରିଲ ୬ରେ ବଡଖଣ୍ଡାଏତା ଷ୍ଟେଶନରେ ଗଣବିକ୍ଷୋଭ କରାଯାଇଥିଲା। ମାତ୍ର କିଛି ଫରକ ପଡ଼ି ନ ଥିଲା। ଫଳରେ ପ୍ରାୟ ୧୫ଟି ଗ୍ରାମର ୫ ଶହରୁ ଊର୍ଦ୍ଧ୍ୱ ଜନସାଧାରଣ ଏକତ୍ରିତ ହୋଇ ୨୭ ଫେବୃୟାରୀ ୨୦୧୨ରେ ୩୩ ଘଣ୍ଟା ରେଳରୋକୋ କରିଥିଲେ। ଜଗତ୍‌ସିଂହପୁର ତତ୍କାଳୀନ ଉପଜିଲାପାଳ ବ୍ରଜବନ୍ଧୁ ଭୋଳ ପହଞ୍ଚି ଆଲୋଚନା ପାଇଁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର କରାଯାଇଥିଲା। ଆଲୋଚନା ପରେ ଉପଜିଲାପାଳ ଚିଠି ନଂ-୧୧୯/୨୯ ମାର୍ଚ୍ଚ ୨୦୧୨ରେ ଖୋର୍ଦ୍ଧା ଡିଭିଜନାଲ ମ୍ୟାନେଜର ତ୍ରିବିକ୍ରମ ମିଶ୍ରଙ୍କୁ ଦାବି ସମ୍ପର୍କରେ ସୁପାରିସ କରିଥିଲେ। ଏହାପରେ ବିଭିନ୍ନ ସମୟରେ ରେଳ କର୍ତ୍ତୃପକ୍ଷ ଏବଂ କେନ୍ଦ୍ରମନ୍ତ୍ରୀଙ୍କୁ ବାରମ୍ବାର ଦାବିପତ୍ର ଦିଆଯାଇଛି। କିନ୍ତୁ ଏହାକୁ କେହି କର୍ଣ୍ଣପାତ କରୁନାହାନ୍ତି।

- ବିଭିନ୍ନ ସମୟରେ ଦାବି ହେଉଥିଲେ ବି ପୁନରୁଦ୍ଧାର ହେଉନି
- କବାଟ ଝରକା ଏବଂ ଅନ୍ୟ ଆସବାବପତ୍ର ଚୋରାଇ ନେଲେଣି

## ୟୁକୋବ୍ୟାଙ୍କ ଶାଖାରେ ଗ୍ରାହକ ସେବା ବିପର୍ଯ୍ୟସ୍ତ

**ଖଣ୍ଡପଡ଼ା,୪।୧୦(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ କଣ୍ଟିଲୋସ୍ଥିତ ୟୁକୋ ବ୍ୟାଙ୍କ ଶାଖାରେ ବିଭିନ୍ନ ଅବ୍ୟବସ୍ଥାକୁ ନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘବର୍ଷ ଧରି ବ୍ୟାଙ୍କ ଶାଖାରେ କର୍ମଚାରୀଙ୍କ ଅଭାବ ଲାଗିରହିଛି। ଏହି ବ୍ୟାଙ୍କ ଉପରେ ବ୍ଲକ ଅନ୍ତର୍ଗତ ବଡବାଣପୁର, କଣ୍ଟିଲୋ, ସିଧାମୂଳା, ବେଣାଗାଡିଆ ସମେତ ଭାପୁର ବ୍ଲକର ଧାନଚେଙ୍ଗଡା, ପଥରଚକଡା ପଞ୍ଚାୟତବାସୀ ନିର୍ଭର କରିଥାନ୍ତି। ହେଲେ ଗ୍ରାହକଙ୍କୁ ଉତ୍ତମ ସେବା ଯୋଗାଇବାରେ ଏହା ବିଫଳ ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବିଭିନ୍ନ କାର୍ଯ୍ୟରେ ଅସହାୟ ମହିଳା, ବୃଦ୍ଧାବୃଦ୍ଧ ଦୂରଦୂରାନ୍ତରୁ ଆସୁଥିବା ବେଳେ ସେମାନଙ୍କୁ ବିଭିନ୍ନ ଆଳ ଦେଖାଇ ପରେ ଆସିବାକୁ କୁହାଯାଉଛି। ସେହିପରି ଦୀର୍ଘମାସ ହେଲା ପାସ୍‌ବୁକ ଅପ୍‌ଡେଟ କରାଯାଉ ନାହିଁ। ଏପରି କି ସାଧାରଣ କାର୍ଯ୍ୟ ପାଇଁ ବ୍ୟାଙ୍କ ପରିସରରେ ଗ୍ରାହକମାନେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଗରିବ କଲ୍ୟାଣ ପାଣ୍ଠିରୁ ମିଳିଥିବା ଅର୍ଥ ରାଶିରୁ ଗରିବ ଉପଭୋକ୍ତାଙ୍କୁ ସମ୍ପୂର୍ଣ୍ଣ ଅର୍ଥ ଦିଆଯାଉ ନ ଥିବା ନେଇ କେତେକ ଗ୍ରାହକ ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷଙ୍କ ସମେତ ନୟାଗଡ଼ ଜିଲାପାଳ, ଖଣ୍ଡପଡ଼ା ବିଡିଓ ଓ ବଡବାଣପୁର ସରପଞ୍ଚଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ମ୍ୟାନେଜର ଅଭିମନ୍ୟୁ ସେଠୀଙ୍କୁ ପଚାରିବାରୁ ସେ କହିଥିଲେ, କରୋନା ଆକ୍ରାନ୍ତ ଯୋଗୁ ଛୁଟିରେ ରହି ଏବେ କାର୍ଯ୍ୟରେ ଯୋଗଦେଇଛନ୍ତି। ବ୍ୟାଙ୍କର ବାରକୋର୍ଡ ସରିଯାଇଥିବାରୁ ପାସ୍‌ବୁକ ଅପଡୁଡେଟ ହୋଇପାରୁ ନାହିଁ। ଏହାଛଡା ଅନ୍ୟାନ୍ୟ ଅଭିଯୋଗର କୌଣସି ସତ୍ୟତା ନ ଥିବା ସେ ସୂଚନା ଦେଇଥିଲେ।

## ଦୃଷ୍ଟି ଆଢୁଆଳରେ ଦଶହରା ପଡ଼ିଆ

**ଖଣ୍ଡପଡ଼ା.୪।୧୦(ସ୍ୱ.ପ୍ର.)**

ପୁରୀ ଶ୍ରୀମନ୍ଦିର ଓ ପୁରାଣ ପ୍ରସିଦ୍ଧ ନୀଳମାଧବ ଜୀଉ ମନ୍ଦିର ପୂଜାନୀତି ମଧ୍ୟରେ ଗଭୀର ସାମଞ୍ଜସ୍ୟ ରହିଛି। ଶ୍ରୀ ମନ୍ଦିରରେ ପାଳିତ ହେଉଥିବା ବିଭିନ୍ନ ଜାନିଯାତ୍ରା ମଧ ଏହି ମନ୍ଦିରରେ ପାଳିତ ହୋଇଥାଏ । ବିଶେଷ କରି ବର୍ଷର ଗୋଟିଏ ଦିନ ଠାକୁର ଦଶହରା ଅନୁକୂଳ ପାଇଁ ଦଶହରା ପଡିଆକୁ ବିଜେ ହୋଇଥାନ୍ତି। ମାତ୍ର ଐତିହ୍ୟ ସମ୍ପନ୍ନ ଏହି ପଡ଼ିଆ ଏବେ ପ୍ରଶାସନିକ ନଜର ଆଢୁଆଳରେ ରହିଯାଇଛି।

କଣ୍ଟିଲୋସ୍ଥିତ ମହାନଦୀ ଓ କମେଇ ନଦୀର ସଂଯୋଗ ସ୍ଥଳରେ ରାଜାରାଜୁଡ଼ା ଅମଳରୁ ଯୁଦ୍ଧ କୌଶଳ ଅଭ୍ୟାସ ପାଇଁ ଏକ ପଡିଆ ରହିଥିଲା। ଏଠାରେ ଖଣ୍ଡାୟତ ଓ ପାଇକମାନେ ଦଶହରାରେ ନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମାଙ୍କୁ ବିଜେ କରାଇ ରଣ କୌଶଳ ଶିକ୍ଷା କରୁଥିଲେ। ମାତ୍ର କାଳକ୍ରମେ ଉକ୍ତ ସମ୍ପ୍ରଦାୟ ଲୋପ ପାଇଯାଇଥିଲେ ହେଁ ପରମ୍ପରା କ୍ରମେ ଦଶହରାରେ ଠାକୁର ପଟୁଆରରେ ଏହି ଦଶହରା ପଡ଼ିଆକୁ ବିଜେ କରିଥାନ୍ତି। ଠାକୁରଙ୍କ ଏହି କାର୍ଯ୍ୟକ୍ରମକୁ ସୁପରିଚାଳନା ପାଇଁ ଦେବୋତ୍ତର ବିଭାଗ ରହିଥିଲେ ହେଁ ଜଳସମ୍ପଦ ଓ ବିଦ୍ୟୁତ୍ ବିଭାଗ ସହଯୋଗ କଲେ ଠାକୁର ସୁରକ୍ଷିତ ଭାବେ ପଡିଆକୁ ବିଜେ ହୋଇ ପାରନ୍ତେ। ଫକୀର ଅତବୁଦ୍ଧିପାଟଣାଠାରୁ କମେଇ ନଦୀ ପର୍ଯ୍ୟନ୍ତ ମାଳବନ୍ଧର ଦୂରତା ମାତ୍ର ୪୮୦ ମିଟର। ରକ୍ଷଣାବେକ୍ଷଣ ଅଭାବରୁ ଏହା କ୍ରମଶଃ ସଙ୍କୁଚିତ ହେବା ସହ ମାଳବନ୍ଧ ଉପରି ଭାଗରୁ ମେଟାଲ ମୋରମ ଖସି ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି। ଫଳରେ ରାତିରେ ସରୀସୃପଙ୍କ ଯୋଗୁ ମାଳବନ୍ଧରେ ଯାତାୟାତ କରିବା ନିରାପଦ ନୁହେଁ। ସେହିପରି ବର୍ଷର ମାତ୍ର ଗୋଟିଏ ଦିନ ଅର୍ଥାତ୍ ଠାକୁର ଦଶହରାରେ ଏହି ମାଳବନ୍ଧ ଦେଇ ଦଶହରା ପଡିଆକୁ ବିଜେ ହେବା ସମୟରେ ବିଦ୍ୟୁତ୍ ଆଲୋକ ବ୍ୟବସ୍ଥା କରାଯିବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି । ସମ୍ପ୍ରତି ଏହି ପଡିଆ ପରିତ୍ୟକ୍ତ ହୋଇ ପଡିରହିଛି। ଅକ୍ଟୋବର ୨୫ରେ ଠାକୁର ଏହି ସ୍ଥାନକୁ ବିଜେ ହେବେ। ଏଥିପାଇଁ ଉକ୍ତ ସ୍ଥାନର ସଫାସୁତୁରା ସହ ମାଳବନ୍ଧ ରକ୍ଷଣାବେକ୍ଷଣର ଆବଶ୍ୟକତା ରହିଛି । ତେବେ ମାଳବନ୍ଧ ମରାମତି ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ କଣ୍ଟିଲୋ ଜଳସମ୍ପଦ ବିଭାଗୀୟ ଅଧିକାରୀ ଶଙ୍କର ଦଳେଇ ସୂଚନା ଦେଇଛନ୍ତି।



ଆବର୍ଜନାପୂର୍ଣ୍ଣ ଦଶହରା ପଡିଆ।

# ବିପନ୍ନଙ୍କୁ ମିଳିଲାନି ରିଲିଫ

**ଚଣ୍ଡିଖୋଲ,୪।୧୦(ଡି.ଏନ.ଏ.)**

ଗତ ଅଗଷ୍ଟରେ ବନ୍ୟା ଯୋଗୁ ବଡ଼ଚଣା ବ୍ଲକରେ ୨୩ପଞ୍ଚାୟତର ୯୭ରାଜସ୍ୱ ଗ୍ରାମ କ୍ଷତିଗ୍ରସ୍ତ ହୋଇଥିବା ନେଇ ପ୍ରଶାସନ ତରଫରୁ ଆକଳନ କରାଯାଇଥିଲା। ସେଥିପାଇଁ ଗତ ସେପ୍ଟେମ୍ବର ୧୦ରେ ବନ୍ୟା ବିପନ୍ନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁସାରେ ୫୦ କି.ଗ୍ରା. ଚାଉଳ ଓ ୫୦୦ ଟଙ୍କା ପ୍ରତି ପରିବାରକୁ ଦିଆଯିବ ବୋଲି ବଡ଼ଚଣା ବିଡ଼ିଓ ଚିଠି ନଂ. ୪୧୩୮ରେ ବ୍ଲକର ସମସ୍ତ ନୋଡ଼ାଲ ଅଫିସର ଏବଂ ପଞ୍ଚାୟତ କାର୍ଯ୍ୟନିର୍ବାହୀମାନଙ୍କୁ ଚିଠି ଲେଖି ଜଣାଇଥିଲେ। ମାସେ ପରେ ବି ବନ୍ୟା ବିପନ୍ନ ରିଲିଫ ପାଇବାରୁ ବଞ୍ଚିତ ହୋଇଛନ୍ତି।

ପ୍ରଶାସନର ଘୋଷଣା ଅନୁଯାୟୀ ୨୦୧୧ ଜନଗଣନା ଅନୁସାରେ ପ୍ରତି ପରିବାରକୁ ଉପରୋକ୍ତ ପରିମାଣର ଚାଉଳ ଓ ଟଙ୍କା ପ୍ରଦାନ କରାଯିବ। ତେବେ ୯ ବର୍ଷ ପରେ ପରିବାର ସଂଖ୍ୟା ବଢିଥିବାରୁ ଅଧିକ ୧୨ ପ୍ରତିଶତ ପରିବାରକୁ ଚାଉଳ ଓ ଟଙ୍କା ପ୍ରଦାନ କରାଯିବ। ବ୍ଲକ ପ୍ରଶାସନ ତରଫରୁ ୩୦ ହଜାର ୯୬୬ ପରିବାରକୁ ୧୫ ହଜାର ୪୮୩ କୁଇଣ୍ଟାଲ ଚାଉଳ ୧ କୋଟି ୫୪ ଲକ୍ଷ ୮୩ ହଜାର ଟଙ୍କା ଯୋଗାଇ ଦିଆଯାଇଛି। ତେବେ ରିଲିଫ ବଣ୍ଟନ ଦାୟିତ୍ୱରେ ଥିବା କର୍ମଚାରୀ ଏହାକୁ ହଡ଼ପ କରିବା ପାଇଁ ଯୋଜନା କରିଛନ୍ତି। ନିୟମ ଅନୁଯାୟୀ ପରିବାର ସଂଖ୍ୟା ଓ ଜନଗଣନାର ଚିଠା ରିଲିଫ ବଣ୍ଟନ କେନ୍ଦ୍ରରେ ସାର୍ବଜନୀନ କରିବାର ଆବଶ୍ୟକ ଥିବାବେଳେ କୌଣସି ଲୋକଙ୍କୁ ଏହା ଜଣାଯାଉନାହିଁ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ସାଧାରଣ ଲୋକମାନେ ପରିବାର ସଂଖ୍ୟା ଜାଣିପାରୁ ନ ଥିବାରୁ ସେମାନଙ୍କୁ ବଣ୍ଟନ ଦାୟିତ୍ୱରେ ଥିବା ଅଧିକାରୀ ଭୂଆଁ ବୁଲାଉଛନ୍ତି। ସେମାନଙ୍କ ନାମ ଜନଗଣନା ତାଲିକାରେ ନାହିଁ ବୋଲି କହି ଫେରାଇ ଦେଉଛନ୍ତି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ପତରାଜପୁର ପଞ୍ଚାୟତରେ। ଏହି ପଞ୍ଚାୟତଟି ଆମ୍ବସୌରୀ ଓ ପତରାଜପୁର ରାଜସ୍ୱ ଗ୍ରାମକୁ ନେଇ ଗଠିତ। ଆମ୍ବସୌରୀ ଗ୍ରାମ ସମ୍ପୂର୍ଣ୍ଣ ବନ୍ୟାଜଳ ଘେରରେ ରହିଥିବା ବେଳେ ପତରାଜପୁର ଗ୍ରାମର ଦୁଇଟି ୱାର୍ଡ଼ ପାଣିଘେରରେ ରହିଥିଲା। କେବଳ ଚାରୋଟି ୱାର୍ଡ଼ ବନ୍ୟା ଘେରରେ ରହିଥିବା ବେଳେ ପଞ୍ଚାୟତର ୧୧ଟି ୱାର୍ଡ଼କୁ ବନ୍ୟା ପ୍ଲାବିତ ଦର୍ଶାଇ ରିଲିଫ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଗ୍ରାମବାସୀ ବଡ଼ଚଣା ବିଡ଼ିଓଙ୍କ ନିକଟରେ ଅଭିଯୋଗ କରିବା ପରେ କେବଳ ୪୨ଟି ପରିବାରକୁ ଆମ୍ବସୌରୀ ଗ୍ରାମକୁ ଆଣି ରିଲିଫ ପ୍ରଦାନ କରାଯାଇଛି। ଅନ୍ୟମାନଙ୍କୁ ପତରାଜପୁର ହାଇସ୍କୁଲଠାରୁ ଆଣିବାକୁ ନିର୍ଦ୍ଦେଶ ଦିଆଯାଇଛି। ସରକାରଙ୍କ ନିର୍ଦ୍ଦେଶ ମୁତାବକ ୧୫୨ଟି ପରିବାରକୁ ରିଲିଫ ଦେବାର ନିୟମ ଥିବାବେଳେ ଅଦ୍ୟାବଧି ୧୦ରୁ ଅଧିକ ପରିବାର ରିଲିଫ ପାଇନାହାନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ରସାନନ୍ଦ ଜେନାଙ୍କୁ ପଚାରିବାରୁ ସେ କୁହନ୍ତି, ସବୁ ପରିବାରକୁ ରିଲିଫ ଦିଆଯିବ। ତେବେ ବ୍ଲକ ପ୍ରଶାସନ ତରଫରୁ ଅଧିକ ୧୨ ପ୍ରତିଶତ ରିଲିଫ ସମ୍ପର୍କରେ କୌଣସି ଠିକ୍ ଉତ୍ତର ଦେଇପାରିନାହାନ୍ତି। ବଡ଼ଚଣା ବିଡ଼ିଓ ଅଜିତ ନାରାୟଣ ଗିରିଙ୍କୁ ପଚାରିବାରୁ ସେ କହିଥିଲେ, ବନ୍ୟା ବିପନ୍ନ ପ୍ରତ୍ୟେକ ପରିବାର ରିଲିଫ ଚାଉଳ ଓ ଟଙ୍କା ପାଇବେ। ଯଦି କେହି ସେଥିରେ ହେରଫେର କରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

**ବଡ଼ଚଣା ବ୍ଲକ**

- ବନ୍ୟା ଛାଡ଼ିବାର ମାସେ ବିତିଲା

# ଦୟନୀୟ ଅବସ୍ଥାରେ ବନ୍ୟା ବିପନ୍ନ

**ବରୀ, ୪।୧୦ (ଡି.ଏନ୍.ଏ.)**

ବନ୍ୟା ପ୍ରବାବିତ ପରିବାରକୁ ୫୦ କି.ଗ୍ରା. ଚାଉଳ ଓ ୫ଶହ ଟଙ୍କା ଲେଖାଏ ରିଲିଫ ଯୋଗାଣ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଅଗଷ୍ଟରେ ହୋଇଥିବା ବନ୍ୟାକୁ ଇତିମଧ୍ୟରେ ମାସେ ପୁରିଥିଲେ ବି ଏ ଯାଏ ସବୁ ବିପନ୍ନ ପରିବାରକୁ ରିଲିଫ ମିଳିପାରିନାହିଁ। ବନ୍ୟାରେ ଯାଜପୁର ଜିଲା ବରୀ ବ୍ଲକ ସର୍ବାଧିକ କ୍ଷତି ହୋଇଥିବା ବେଳେ ରିଲିଫ ବଣ୍ଟନରେ ଅନିୟମିତତା ନେଇ ସବୁଠୁ ଅଧିକ ଅଭିଯୋଗ ମଧ ବରୀ ବ୍ଲକରୁ ଆସିଛି। ଏ ସମ୍ପର୍କିତ ବହୁ ଅଭିଯୋଗ ଇତିମଧ୍ୟରେ ଜିଲା ଓ ବ୍ଲକ ପ୍ରଶାସନ ନିକଟରେ ପହଞ୍ଚିଛି। ଏଭଳି ଆଉ ଏକ ଅଭିଯୋଗ ଆସିଛି ବରୀ ବ୍ଲକ ରତ୍ନଗିରି ପଞ୍ଚାୟତରୁ। ରତ୍ନଗିରି ପଞ୍ଚାୟତ ପାଟଣା ଗ୍ରାମର ଦିବ୍ୟାଙ୍ଗ ବିଜ୍ଞାନ ଜେନା(୨୮) ଓ ସେହି ଗ୍ରାମର ସ୍ୱାମୀ ପରିତ୍ୟକ୍ତା ଡଲି ବାରିକ(୩୦)ଙ୍କ ପରିବାରକୁ ରିଲିଫ ମିଳି ନ ଥିବା ଅଭିଯୋଗ ହୋଇଛି। ପ୍ରଶାସନ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ବନ୍ୟା ବିପନ୍ନ ପରିବାର ତାଲିକାରେ ଡଲି ଓ ବିଜ୍ଞାନଙ୍କ ପରିବାରର ନାଁ ନ ଥିବାରୁ ସେମାନଙ୍କୁ ରିଲିଫ ମିଳି ନ ଥିବା ଜଣାଯାଇଛି। ପ୍ରଭାବିତ ତାଲିକାରେ ଅନେକ ଅଯୋଗ୍ୟଙ୍କ ନାଁ ରହିଥିଲେ ବି ଦୟନୀୟ ଅବସ୍ଥାରେ ଦିନ କାଟୁଥିବା ଉକ୍ତ ଦୁଇ ପରିବାରକୁ ସାମିଲ କରାଯାଇନି। ଫଳରେ ତାଲିକା ପ୍ରସ୍ତୁତି ଦାୟିତ୍ୱରେ ଥିବା କର୍ମଚାରୀଙ୍କ କାର୍ଯ୍ୟରେ ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବନ୍ୟା ପରଠୁ ଏକାଧିକ ଥର ପ୍ରଶାସନିକ ଅଧିକାରୀଙ୍କୁ ଭେଟି ରିଲିଫ ପାଇଁ ନିବେଦନ କରିଥିଲେ ବି କିଛି ଲାଭ ମିଳିଲାନି ବୋଲି ଡଲି କହିଥିବା ବେଳେ ବିଜ୍ଞାନଙ୍କ ପରିବାର ଲୋକେ ସମାନ କଥା କହିଛନ୍ତି। ଏ ନେଇ ରତ୍ନଗିରି ସରପଞ୍ଚ ଅଶୋକ ଜେନାଙ୍କୁ ପଚାରିବାରେ, ଉଭୟ ଅତ୍ୟନ୍ତ ଗରିବ। ସେମାନେ ରିଲିଫ ପାଇବାକୁ ଯୋଗ୍ୟ, ମାତ୍ର ତାଲିକାରେ ତ୍ରୁଟି ଯୋଗୁ ସେମାନେ ଏହି ସୁବିଧାରୁ ବଞ୍ଚିତ ହୋଇଛନ୍ତି। ସେମାନଙ୍କୁ ରିଲିଫ ସାମଗ୍ରୀ ଯୋଗାଇ ଦେବାକୁ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି କହିଛନ୍ତି।

**ବରୀ ବ୍ଲକ**

- ବନ୍ୟା ଛାଡ଼ିବାର ମାସେ ପରେ ବି ରିଲିଫ ବଣ୍ଟନ ସରିଲାନି
- ଅନେକ ବନ୍ୟା ପ୍ରଭାବିତ ପରିବାର ତାଲିକାରୁ ବାଦ ପଡ଼ିଥିବା ଅଭିଯୋଗ
- ତାଲିକାପ୍ରସ୍ତୁତିରେ ତ୍ରୁଟି ଯୋଗୁ ରିଲିଫ ବଣ୍ଟନ ସୁରୁଖୁରୁ ହୋଇପାରୁନି





ଘର ଆଗରେ ପରିବାର ସଦସ୍ୟଙ୍କ ସହ ବିଜ୍ଞାନ ଜେନା ଓ ଡଲି ବାରିକ ।

